# କେନ୍ଦୁଝର : ପୌର ନିର୍ବାଚନ ପରିଚାଳନା ସଂପର୍କରେ ଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ



କେନ୍ଦୁଝର, ତା ୨୨.୦୩.    କେନ୍ଦୁଝର ଜିଲ୍ଲାରେ ପୌର ନିର୍ବାଚନ ପରିଚାଳନା ସଂପର୍କରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶିଷ ଠାକରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇଛନ୍ତି । ଚଳିତ ମାର୍ଚ୍ଚ ୨୨ ତାରିଖ ମଙ୍ଗଳବାର ଅପରାହ୍ନରେ ଦରବାର ହଲ୍‌ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ ଯେ ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ତା ୨୪.୦୩.୨୦୨୨ରିଖ କେନ୍ଦୁଝର ଜିଲ୍ଲାର କେନ୍ଦୁଝରଗଡ଼, ଆନନ୍ଦପୁର, ଯୋଡା ଓ ବଡବିଲ୍ ମ୍ୟୁନିସିପାଲିଟି ଓ ଚମ୍ପୁଆ ଏନ୍.ଏ.ସି. ପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ଉପରୋକ୍ତ ପାଂଚୋଟି ମ୍ୟୁନିସିପାଲିଟି /ଏନ୍.ଏ.ସି.ରେ ୭୯ଟି ୱାର୍ଡ ରହିଛି ଏବଂ୧୮୮ଟି ବୁଥ୍ ବ୍ୟବସ୍ଥା କରାଯାଇଛି । ଉକ୍ତ ନିର୍ବାଚନରେ ମତଦାନ ପାଇଁ ଇଭିଏମ୍ ମେସିନ ବ୍ୟବହୃତ ହେବ । ଚଳିତ ମାର୍ଚ୍ଚ ୨୧ ଓ ୨୨ ତାରିଖରେ ବିଭିନ୍ନ ମ୍ୟୁନିସିପାଲିଟି/ ଏନ୍.ଏ.ସି.ରେ ଇଭିଏମ୍ ମେସିନ୍‌ର କମିଶନିଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ସଂପୂର୍ଣ୍ଣ କରାଯାଇଛି । ଚଳିତ ପୌର ନିର୍ବାଚନରେ ଜିଲ୍ଲାର ପାଂଚୋଟି ମ୍ୟୁନିସିପାଲିଟି / ଏନ୍.ଏ.ସି.ରେ ୧୩ଟି ପିଙ୍କ୍ ବୁଥ୍‌ର ବ୍ୟବସ୍ଥା କରାଯାଇଛି, ଯାହାକୁ ମହିଳା ପୋଲିଂ କର୍ମଚାରୀ ପରିଚାଳନା କରିବେ । ସମୁଦାୟ ୯୪୦ଜଣ ପୋଲିଂ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଏତଦ୍‌ବ୍ୟତୀତ ୯୫ ଜଣ ପୋଲିଂ କର୍ମଚାରୀଙ୍କୁ ସଂରକ୍ଷିତ ରଖାଯାଇଛି । ସମୁଦାୟ ୪୧ଟି ବୁଥ୍‌କୁ ଉତେଜନାପ୍ରବଣ / ଅତି ଉତେଜନା ପ୍ରବଣ ବୁଥ୍ ଭାବେ ଚିହ୍ନଟ କରାଯାଇ ଶାନ୍ତି ଶୃଙ୍ଖଳାର ସହ ମତଦାନ ପ୍ରକ୍ରିୟା ପରିଚାଳନା ନିମନ୍ତେ ସି.ସି.ଟି.ଭି. ବ୍ୟବସ୍ଥା ସହ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି । ନିର୍ବାଚନ ପ୍ରକ୍ରିୟାକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବା ନିମନ୍ତେ ପୋଲିସ୍ ମୁତୟନ ସହିତ ସେକ୍ଟର ଅଫିସର, ସେକ୍ଟର ମାଜିଷ୍ଟ୍ରେଟ୍ ନିୟୋଜନ କରାଯାଇଛି । ମତଦାନ ପ୍ରକ୍ରିୟାର ସୁପରିଚାଳନା ନିମନ୍ତେ ୧୩୨ଟି ଯାନର ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ ସୂଚନା ଦେଇଥିଲେ । ଏତଦ୍‌ବ୍ୟତୀତ ବିଭିନ୍ନ ମ୍ୟୁନିସିପାଲିଟି / ଏନ୍.ଏ.ସି.କୁ ପୋଲିଂ ପାର୍ଟି ଯିବା ନିମନ୍ତେ ଅତିରିକ୍ତ ବସ୍ ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲାପାଳ କହିଥିଲେ । ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ ସଂଜୀବ ବାରିକଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର